■ଗୋଦାମ ଗୃହ ପାଇଁ ଅନ୍ୟତ୍ର ଜାଗା ଚିହ୍ନଟର ପ୍ରତିବାଦ

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ମାଥିଲି, ୫।୧୧ (ଡି.ଏନ.ଏ.

ଧାନମଣ୍ଡିର ସୁବିଧା ପାଇଁ ମଞ୍ଜୁର ହୋଇଛି ଆରଏମସି ଗୋଦାମ ଗୃହ । ପଞ୍ଚାୟତ ସଦରରେ ନିର୍ମାଣ କରିବାକୁ ପ୍ରସ୍ତାବ ଆସିଛି। ମାତ୍ର ଏହି ଗୋଦାମ ଗୃହକୁ ଅନ୍ୟତ୍ର କରିବାକୁ ଯୋଜନା କରାଯାଉଛି । ଜାଗା ମଧ୍ୟ ଚିହ୍ନଟ ହୋଇଛି । ଅନ୍ୟତ୍ର ନିର୍ମାଣ କରାଯାଉଥିବାରୁ ଏହାର ପ୍ରତିବାଦ କରି ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦଳପତିଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଗ୍ରାମବାସୀ ତାଲା ପକାଇଛନ୍ତି। ସମାଧାନ ନ ହେବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ନ ଖୋଲିବେନି ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି । ସୋମବାର ୪ ଘଣ୍ଟା ପର୍ଯ୍ୟନ୍ତ ପଞ୍ଚାୟତ ଫାଟକକୁ ତାଲା ପକାଇବା ସହିତ ଫାଟକ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଥିଲେ । ଗୋଦାମ ଗୃହକୁ ଅନ୍ୟତ୍ର ନିର୍ମାଣ ନେଇ ହେଉଥିବା ମସୁଧାକୁ ପ୍ରତିବାଦ କରିଥିଲେ । ଦଳପତିଗୁଡା ପଞ୍ଚାୟତ ସଦରରେ ପ୍ରତିବର୍ଷ ଧାନମଣ୍ଡି ଆରମ୍ଭ କରାଯାଉଛି । ମାତ୍ର ଚାଷୀମାନଙ୍କ ଧାନ ରଖିବା ପାଇଁ ଆବଶ୍ୟକ ଗୋଦାମ ଗୃହ ନାହିଁ । ଶୀତ କାକରରେ ଧାନ ରଖି ଚାଷୀମାନେ ରାତି ଉଜାଗରରେ ଜଗି ରହୁଛନ୍ତି । ଦଳପତିଗୁଡା ଧାନମଣ୍ଡିଠାରେ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଚାଷୀଙ୍କୁ ସାମିଲ କରାଯାଉଛି । ପ୍ରତିବର୍ଷ ପଞ୍ଚାୟତ ଗୋଦାମ ଗୃହଠାରେ ଧାନ କିଣାଯାଉଛି । ଧାନ ରଖିବାକୁ ଆବଶ୍ୟକୀୟ ସ୍ଥାନ ଅଭାବ, ଗୋଦାମ ଗୃହ ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପର ସ୍ଥିତିରେ ପଞ୍ଚାୟତ ସଦରରେ ଆରଏମସି ତରଫରୁ ଗୋଦାମ ଗୃହ ନିର୍ମାଣ କରାଯିବାକୁ ପ୍ରସ୍ତାବ ଆସି ଏ ନେଇ ଅର୍ଥ ମଧ୍ୟ ମଞ୍ଜୁର ହୋଇଛି । ହେଲେ ପ୍ରଥମେ ଗୋଦାମ ପାଇଁ ଚିହ୍ନଟ ହୋଇଥିବା ଜାଗାରେ ବିବାଦ ଦେଖା ଦେବାରୁ ସଦରରେ ହେବାକୁ ଥିବା ଗୋଦାମ ଗୃହ ପାଇଁ ଅନ୍ୟ ଗ୍ରାମରେ କରିବାକୁ ଯୋଜନା କରାଯାଉଛି । ପଞ୍ଚାୟତ ସଦରରେ ଅନେକ ଜାଗା ପଡି ରହିଥିଲେ ମଧ୍ୟ ଗୋଦାମ ନିର୍ମାଣ ପାଇଁ ଅନ୍ୟ ଗ୍ରାମକୁ ବାଛିବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗୋଦାମ ଗୃହ ନିର୍ମାଣ ନେଇ ଉଠିଥିବା ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବାକୁ ନିଷ୍ପତ୍ତି ନିଆଯାଇଥିବା ଗ୍ରାମବାସୀ କହିଛନ୍ତି। ତେବେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସମ୍ପର୍କରେ ଖବର ମିଳି ନ ଥିଲା । ଏବେ ଶୁଣିବାକୁ ପାଇଲି । ପୂର୍ବରୁ ଗୋଦାମ ଗୃହକୁ ନେଇ ଦଳପତିଗୁଡାଠାରେ ବିବାଦ ସୃଷ୍ଟି ହୋଇଥିବା ଜାଣିଥିଲୁ । ଏ ନେଇ ସମାଧାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ବିଡିଓ ଆଶିଷ କୁମାର ଭୋଇ କହିଛନ୍ତି।



ଫାଟକରେ ତାଲାପକାଇ ଧାରଣାରେ ବସିଛନ୍ତି ଗ୍ରାମବାସୀ ।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରକ୍ତଦାନ ଶିବିର

ମାଲକାନଗିରି,୫।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ଉପଖଣ୍ଡୀୟ ଦଣ୍ଡାଧିକାରୀଙ୍କ କୋର୍ଟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଜିଲା ଜଜ୍ ତଥା ଆଇନସେବା ପ୍ରଧିକରଣ ଅଧ୍ୟକ୍ଷ ମାନସ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୮୫ ବାଟାଲିୟନ ଡିଆଇଜି ବିଜେନ୍ଦ୍ର ସିଂ, କମାଣ୍ଡାଣ୍ଟ ଅମରେନ୍ଦ୍ର କୁମାର ସିଂ, ବିଏସଏଫର କେ.ସି. ନିଆଲ, ସିଜେଏମ ଦେବାଶିଷ ପଣ୍ଡା, ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ, ସବ୍‌ଜଜ୍ ଜିବଦାନନ୍ଦ ପାଢୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ଉପଖଣ୍ଡ ଦଣ୍ଡାଧିକାରୀ ସଚେତା କୃପାଲିନୀ, ମୋଟୁ ଜେଏମଏଫସି ବିଜେନ୍ଦ୍ର ସିଂ, ସିଡିଏମଓ ଅଭିଜିତ ମହାନ୍ତି, ଏଡିଏମଓ ଅମରେନ୍ଦ୍ର ମହାନ୍ତି , ରେଡକ୍ରସର ସଂଯୋଜକ ରନ କୁମାର ସ୍ୱାଇଁ, ବିଏସଏଫ ଇନ୍ସପେକ୍ଟର ସରୋଜ କୁମାର ନାୟକ, ସି. କୁଜୁରୁ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ବିଏସଏଫ ଯବାନମାନଙ୍କ ସହ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ । ଏହି ଶିବିରରେ ମୋଟ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ସଦର ମହକୁମା ରକ୍ତଭଣ୍ଡାରରେ ରକ୍ତ ଅଭାବ ଯୋଗୁ ରୋଗୀ ସେବା ବ୍ୟାହତ ହୋଇଥିଲା । ଏହି ସମସ୍ୟା ଦୂର ପାଇଁ ଗତ ୨୩ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇ ବିଭିନ୍ନ ଅନୁଷ୍ଠାନ ତରଫରୁ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ଯୁବ ବିଜୁ ସଶକ୍ତୀକରଣ ଯୋଜନାରେ ୪୪ ଛାତ୍ରୀଛାତ୍ରଙ୍କୁ ଲାପଟପ୍

ମାଲକାନଗିରି,୫।୧୧ (ଡି.ଏନ୍.ଏ.)

ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ମାଲକାନଗିରି ଜିଲାର ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା, ପଡିଆ, କାଲିମେଳା ଓ କୋରୁକୋଣ୍ଡା ସମେତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟର ୪୪ ଜଣ ଛାତ୍ରୀଛାତ୍ରଙ୍କୁ ଭିଡିଓ କନ୍‌ଫରେନ୍ସ ଦ୍ୱାରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଲାପଟପ୍ ବଣ୍ଟନ କରିଛନ୍ତି। ଭିଡିଓ କନ୍‌ଫରେନ୍ସରେ ଜଣେ ବଣ୍ଡା ଛାତ୍ରୀ ରଶ୍ମିତା କିର୍ସାନୀଙ୍କ ସହ

### ବଣ୍ଡା ଛାତ୍ରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ହୋଇଥିଲେ । ତେବେ ସେ ଏହି ଲାପଟପ୍ ପାଇ ଖୁସି ଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ଆଗାମୀ ଦିନରେ ଲାପଟପ୍‌କୁ ନେଇ ଆଇଟି କ୍ଷେତ୍ରରେ ନିୟୋଜିତ କରିବି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମାଲକାନଗିରି ଜିଲାପାଳ ମନିଷ ଅଗ୍ରୱାଲ, ପିଡି, ଡିଆରଡିଏ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୩୬ ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲାପାଳ

ମାଥିଲି, ୫।୧୧ (ଡି.ଏନ.ଏ.)–

ମାଲକାନଗିରି ଜିଲା ମାଥିଲି ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ଅଯୋଧ୍ୟାନାଥ ଶତପଥୀ ଯୋଗଦେଇ ବ୍ଲକ ଅଞ୍ଚଳର ୩୬ଟି ସାମୁହିତ ଏବଂ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରିଥିଲେ । ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ମାଥିଲି ବିଡିଓ ଆଶିଷ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ସଭ୍ୟା ଶାନ୍ତିଲତା ମାଝିଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ।୩୬ଟି ଅଭିଯୋଗରୁ ୧୪ ସାମୁହିକ ଏବଂ ୨୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ସମସ୍ୟା ନେଇ ଅଭିଯୋଗ ହୋଇଥିଲା । ଭେଜାଗୁଡା , ଦୁର୍ମାଗୁଡା ଆଦି ରାସ୍ତା ମରାମତି କରିବାକୁ ଲୋକେ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଇଥିଲେ । ମେକା ପଞ୍ଚାୟତରେ ଏନଜିଏନଆରଇଜିଏସ ବାବଦରେ ଦୀର୍ଘ ଦିନ ହେବ ଶ୍ରମିକଙ୍କୁ ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଥିଲା । ସେହିପରି ତହସିଲ, ସ୍ୱାସ୍ଥ୍ୟ ବିଭାଗ ସଂକ୍ରାନ୍ତରେ ମଧ୍ୟ ସାମୁହିକ ଅଭିଯୋଗ କରାଯାଇଥିଲା । ସମସ୍ତ ଅଭିଯୋଗ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଶତପଥୀ ଏବଂ ଚିତ୍ରକୋଣ୍ଡା ବିଧାୟକ ଶିଶା ଶୁଣିବା ପରେ ଏହାର ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡଙ୍କ ସମେତ ସମସ୍ତ ବିଭାଗର ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀ, ବ୍ଲକର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।


ST. XAVIER'S SENIOR SECONDARY SCHOOL
BHAKURUGUDA & NEW COLONY, RAYAGADA
(a branch of St. Xavier's chain of Schools)
A CBSE Affiliated School, Affiliation No. 1530204
(From Montessori I, II, III, Std. I- X, +2Science, +2 Commerce)
Grand opening of
CHILD DEVELOPMENT CENTRE
On 14.11.2018
No fees, no books, no uniform
For Kids of 2 & ½ years
Limited seats .....

Our Facilities:
- Separate hostel for boys and Girls *A Greenish eco Friendly environment
- Outdoor and indoor games *Hygienic food and canteen facility
- Coaching for NEET, JEE(Main) and IIT for +2 Science students
- Reasonable fees structure
For details Contact:
9040807625, 8637251951, 9407740125, 8895142668
Email at rayagadasxhs@yahoo.in



ଧରିତ୍ରୀର ସ୍ୱନକ୍ଷତ୍ର
ଅବସରରେ ଶୁଭେଚ୍ଛା ।
ଗଛ ବଞ୍ଚିଲେ ଆମେ ବଞ୍ଚିବା
ଜଙ୍ଗଲ ଓ ପରିବେଶ ସୁରକ୍ଷା
ଆମ ସମସ୍ତଙ୍କ ଦାୟିତ୍ୱ ।

ଧନୁର୍ଯ୍ୟୟ ମହାପାତ୍ର
ବନାଞ୍ଚଳ ଅଧିକାରୀ (ଡାବୁଗାଁ)



ପଞ୍ଚାୟତ ସମିତି, ଡାବୁଗାଁ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଗଣିତ ପାଠିକା ପାଠକଙ୍କୁ ଶୁଭେଚ୍ଛା ସହ

ଗୌରହରି ପାତ୍ର
ବିଡିଓ
ଉମେଶ ଚନ୍ଦ୍ର ମାଝୀ
ସହକାରୀ ଯନ୍ତ୍ରୀ
ପ୍ରୀତିମୟୀ ପାଣିଗ୍ରାହୀ – କନିଷ୍ଠ ଯନ୍ତ୍ରୀ
ପ୍ରତାପ ଚନ୍ଦ୍ର ଦାଶ – କନିଷ୍ଠ ଯନ୍ତ୍ରୀ
ସୁରେଶ ଚନ୍ଦ୍ର ସେଠୀ – କନିଷ୍ଠ ଯନ୍ତ୍ରୀ



With Best Complements From
GIET
MAIN CAMPUS, AUTONOMOUS,
GUNUPUR
THE MOST POPULAR AICTE APPROVED ENGINEERING COLLEGE OF EASTERN INDIA

WE HAVE OFFERED
CAMPUS PLACEMENT TO 95+%
OF ELIGIBLE AND WILLING 2018 PASSOUT STUDENTS
GIET, AUTONOMOUS, GUNUPUR
Pin: 765 022, Ph.: +91 8118053001, 8118053003



WITH BEST COMPLIMENTS FROM:-


Er. SUBRAT MOHAPATRA
'A' Class Contractor
Mob No.: 9438164111
RAJAT MOHAPATRA
Special Class Contractor
Mob No: 9668026283
MAIN ROAD, NABARANGPUR



Best Wishes for 8th Year Completion of Rayagada Edition of "Dharitri Odiya Daily"
SRI ANNAPURNA HOMES & REAL ESTATE PVT. LTD.
Upstair of Syamala Jewellers, Main Road, Jeypore - 764001
Annapurna Complex, Main Road, Parabeda, Jeypore - 764001
Dist.- Koraput, Odisha
Ph.: 06854-251021, Cell: 9437033584



ପ୍ରଗତି ପଥେ କୋରାପୁଟ ମାଲକାନଗିରି ନବରଙ୍ଗପୁର ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ, ରେଡିଓ ଷ୍ଟେସନ ରୋଡ୍, ଜୟନଗର, ଜୟପୁର

ଦୁଗ୍ଧ ସଂଘ ଦ୍ୱାରା ଚାଷୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ

୧. ସମିତିରେ ବର୍ଷସାରା ୩୬୫ ଦିନ ଦୁଇବେଳା ଦୁଗ୍ଧ ବିକ୍ରି କରିବାର ସୁଯୋଗ ସହ ପ୍ରତ୍ୟେକ ଦଶ (୧୦) ଦିନ ବ୍ୟବଧାନରେ ଦୁଗ୍ଧର ଉଚିତ୍ ମୂଲ୍ୟ ମିଳିଥାଏ ।
୨. ଦୁଗ୍ଧ ଉତ୍ପାଦନ ପାଇଁ ଆବଶ୍ୟକୀୟ ପରିମାଣରେ ସୁଷମ ଗୋ–ଖାଦ୍ୟ ରିହାତି ମୂଲ୍ୟରେ ସମିତିରୁ ମିଳେ ।
୩. ଗାଈର ସୁସ୍ଥ ଜୀବନ ଧାରଣ ସହ ଗୁଣାତ୍ମକ ମାନର ଦୁଗ୍ଧ ପାଇବା ପାଇଁ ଆବଶ୍ୟକୀୟ ଖଣିଜ ଲବଣ ରିହାତି ମୂଲ୍ୟରେ ସମିତିରୁ ମିଳେ ।
୪. ମାଈ ବାଛୁରୀ ପରିପାଳନ ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ମାଧ୍ୟମରେ ଉନ୍ନୀତ ସଙ୍କର ମାଈ ବାଛୁରୀମାନଙ୍କୁ ଶତକଡା ୫୦% ରିହାତି ଦରରେ ବାଛୁରୀ ଦାନା ସମିତି ମାଧ୍ୟମରେ ଉପଲବ୍ଧ କରାଯାଉଅଛି ।
୫. ପ୍ରତିବର୍ଷ ୨ଥର ଦୁହାଁଳିଆ ଗାଈ ଓ ବାଛୁରୀଙ୍କ ପାଇଁ କୃମିନାଶକ ଔଷଧ ମାଗଣାରେ ସମିତିରୁ ମିଳେ ।
୬. ଫାଟୁଆ, ସାହାଣ, ବଜବଜିଆ ଭଳି ସଂକ୍ରାମକ ରୋଗରୁ ଗାଈକୁ ରକ୍ଷା କରିବା ପାଇଁ ପ୍ରତିଷେଧକ ଟିକା (ଟ୍ରାୟୋଭାକ୍) ସମିତି ମାଧ୍ୟମରେ ଉପଲବ୍ଧ କରାଯାଉଅଛି ।
୭. ଉନ୍ନତ ଧରଣର ସଙ୍କର ଜାତୀୟ ବାଛୁରୀ ପାଇଁ କୃତ୍ରିମ ପ୍ରଜନନର ସୁବିଧା ସମିତିର ତାମିଲପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥାଏ ।
୮. ସମିତିରେ ଗୋ–ଚିକିତ୍ସା ଶିବିର କରାଯାଇ ଗାଈ/ବାଛୁରୀଙ୍କ ମାଗଣା ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଏ ।
୯. ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଗ୍ରାମରେ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଠନ କରି ଉପରୋକ୍ତ ସୁବିଧା ସୁଯୋଗ ଉପଲବ୍ଧ କରିବା ସଙ୍ଗେ ସଙ୍ଗେ ନିଜର ଆର୍ଥିକ ଉନ୍ନତି କରନ୍ତୁ । ଯୋଗାଯୋଗ : ୦୬୮୫୪–୨୩୧୮୩୯ ।

ସାଧାରଣ ପରିଚାଳକ, ଆଞ୍ଚଳିକ ଦୁଗ୍ଧ ସଂଘ, ଜୟପୁର









କୋମ୍ବିଂ ଅପରେଶନରେ ତଲାସୀ ଚଳାଇଥିବା ଯବାନମାନେ ।

# ଭାଜପା ପକ୍ଷରୁ ବ୍ଲକ ଘେରାଉ

**ଖଇରପୁଟ,୫।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଭାଜପା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଏହି ଅବସରରେ ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ମା' ପାଲଦେଇ ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ପରେ ଏଠାରେ ଏକ ସାଧାରଣ ସଭା ହୋଇଥିଲା । ନବୀନ ପଟ୍ଟନାୟକଙ୍କ ଶାସନର ବିଫଳତା ତଥା କେନ୍ଦ୍ରର ମୋଦି ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଦଳୀୟ




ନେତାମାନେ ଆଲୋକପାତ କରିଥିଲେ । ଜିଲା ଭାଜପା ସଭାପତି ଅଶୋକ ପରିଡାଙ୍କ ନେତୃତ୍ୱରେ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଖଇରପୁଟ ବ୍ଲକକୁ ମରୁଡି ଘୋଷଣା କରିବା, ଚାଷ ଜମିକୁ ଜଳସେଚନ ସୁବିଧା, ପିଇବା ପାଣି ବ୍ୟବସ୍ଥା, ପିସି କାରବାର ବନ୍ଦ କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଅକ୍ଷୟ କୁମାର ବିଶ୍ୱାଳ, ଜିଲା ଏସ୍‌ଟି ମୋର୍ଚ୍ଚା ସଭାପତି ଜଳନ୍ଧର ନାୟକ, ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା, ଜିଲା ଭାଜପା ଉପସଭାପତି ସୁବାସ ପଡିଆମି, ସୂର୍ଯ୍ୟ ନାରାୟଣ ଜିଗିଡି, ବାଲାରାଜ କତ୍ରଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ ।

# ହଟିଲାନି ରହସ୍ୟ : ଆଖି ବୁଜିଲେ ଚିକିତ୍ସାଧୀନ ଛାତ୍ର

**ମାଥିଲି, ୫।୧୧ (ଡି.ଏନ୍.ଏ.)**

ହତ୍ୟା ନା ଆତ୍ମହତ୍ୟା । ହଟିଲାନି ରହସ୍ୟ । ରହସ୍ୟ ଫିଟିବା ପୂର୍ବରୁ ଆଖି ବୁଜିଦେଲେ ପୋଡିହୋଇଥିବା ଛାତ୍ର । ମାଲକାନଗିରି ଜିଲା ଅନ୍ତର୍ଗତ ସିନ୍ଧ୍ରିମାଳ ନିକଟରେ ଗତ ୩ରେ ପୋଡିଯାଉଥିବା ସମୟରେ ଉଦ୍ଧାର ହୋଇଥିବା ଛାତ୍ର ଜଣକ କଟକ ବଡ ମେଡିକାଲ ସ୍ଥାନାନ୍ତର ହେଉଥିବାବେଳେ ବାଟରେ ପ୍ରାଣ ହରାଇଛନ୍ତି । ଗାଁ ପାଇଁ ସେ ଥିଲେ ଗୌରବ । ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ଆଣିଥିଲେ । ସୋମବାର ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ଲାପଟପ୍ ଏବଂ ଅର୍ଥ ରାଶି ଦେଇ ଶ୍ରେଷ୍ଠ ଛାତ୍ର ଭାବେ ପ୍ରଶାସନ ତରଫରୁ ପୁରସ୍କୃତ କରାଯାଇଥାନ୍ତା । କିନ୍ତୁ ପୂର୍ବରୁ ସେ ଆଖି ବୁଜି ଦେଇଛନ୍ତି ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତ ଅଧୀନ ବିମନପାଲି ଗ୍ରାମର ଘେନୁ ପୂଜାରୀଙ୍କ ପୁଅ ସୁରେନ୍ଦ୍ର ପୂଜାରୀ (୧୬) । ପଞ୍ଚାୟତରେ ସର୍ବାଧିକ ମାର୍କ ରଖି ଦଶମ ପାସ କରିବା ପରେ ମାଲକାନଗିରି ଜିଲା ସଦରରେ ଥିବା ଏକଲବ୍ୟ ଆଦର୍ଶ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ଯୁକ୍ତ ୨ ପ୍ରଥମ ବର୍ଷରେ ପାଠ ପଢୁଥିଲେ । ଗତ ୩ ତାରିଖ ସନ୍ଧ୍ୟାରେ ସିନ୍ଧ୍ରିମାଳ ନିକଟରେ ପୋଡିଯାଉଥିବାବେଳେ କିଛି ଲୋକ ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ପରେ ମାଲକାନଗିରି ପୋଲିସ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଆଣି ମାଲକାନଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ତାଙ୍କ ଶରୀର ୯୦ ପ୍ରତିଶତ ପୋଡିଯାଇଥିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ଅସହାୟ ଅବସ୍ଥାରେ ଥିବା ଛାତ୍ରଙ୍କ ଚିକିତ୍ସା ପାଇଁ ଜିଲା ପ୍ରଶାସନ ତରଫରୁ ତାଙ୍କୁ ସହଯୋଗ କରିବା ଲାଗି ପଦକ୍ଷେପ ନିଆଯାଇଥିଲା । କୋରାପୁଟରୁ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଆମ୍ବୁଲାନ୍ସରେ କଟକ ଯିବା ବାଟରେ ତାଙ୍କ ମୃତ୍ୟୁ ଘଟିଛି ।

# ମେଧାବୃତ୍ତି, ସଂକଳ୍ପ ଯୋଜନା ଶୁଭାରମ୍ଭ

**ମାଲକାନଗିରି,୫।୧୧ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ମେଧାବୃତ୍ତି ଓ ସଂକଳ୍ପ ଯୋଜନାକୁ ସୋମବାର ଶୁଭାରମ୍ଭ କରା ଯାଇଛି । ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂକଳ୍ପ ଯୋଜନା ଓ ମେଧାବୃତ୍ତି ଯୋଜନାର ଶୁଭାରମ୍ଭ କରିଛନ୍ତି । ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ଯୋଜନା ଆରମ୍ଭ କରାଯାଇଛି । ଜିଲାର ୭ଟି ବ୍ଲକ ମାଥିଲି, ମାଲକାନଗିରି, ପଡିଆ, କାଲିମେଲା, ଚିତ୍ରକୋଣ୍ଡା, ଖଇରପୁଟ, କୋରୁକୋଣ୍ଡା, ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମାଲକାନଗିରି ପୌର ପରିଷଦର ୨୩ଟି ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ସାମିଲ କରାଯାଇଛି । ମେଧାବୃତ୍ତି ଯୋଜନାରେ ୭୭୦ ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ମେଧାବୃତ୍ତି ପ୍ରଦାନ କରାଯିବା ପାଇଁ ଚୟନ କରାଯାଇଛି । ସେହିପରି ଓଡିଆ ଭାଷାର ଉନ୍ନତି ପାଇଁ ଓଡିଆ ମେଧାବୃତ୍ତି ପାଇଁ ୭୭ ଜଣ ଛାତ୍ରୀଛାତ୍ରଙ୍କ ନାମ ମଧ୍ୟ ଚୟନ କରାଯାଇଛି । ଆଗାମୀ ଦିନରେ ଜିଲାସ୍ତରୀୟ ଉତ୍ସବରେ ଏହି ଅର୍ଥ ପ୍ରଦାନ କରାଯିବ । ଏହି ଅବସରରେ ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ, ପିଡି, ଡିଆରଡିଏ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଅର୍ଥ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୭ ବ୍ଲକରେ ଅସ୍ମାନ ଯୋଜନାର ଶୁଭାରମ୍ଭ

**ମାଲକାନଗିରି,୫।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାର ୭ଟି ବ୍ଲକ ମାଥିଲି, ମାଲକାନଗିରି, ପଡିଆ କାଲିମେଲା, କୋରୁକୋଣ୍ଡା, ଖଇରପୁଟ, ଚିତ୍ରକୋଣ୍ଡାରେ ଅସ୍ମାନ ଯୋଜନାର ଶୁଭାରମ୍ଭ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ଭିଡିଓ କନ୍‌ଫରେନ୍ସ ଗୃହଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡିଶାର ମୋଟ ୩୧୪ଟି ବ୍ଲକରେ ଏହି ଯୋଜନା ଶୁଭାରମ୍ଭ ହୋଇଛି । ଏହା ଦ୍ୱାରା ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଓ ରାଜ୍ୟସ୍ତରୀୟ ସଚିବମାନଙ୍କ ସହ ବ୍ଲକ ଓ ପଞ୍ଚାୟତ ଅଧିକାରୀମାନେ ସିଧାସଳଖ ଯୋଗାଯୋଗ କରି ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିପାରିବେ । ସରକାରୀ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପଞ୍ଚାୟତସ୍ତରୀୟ ଅଧିକାରୀ ଓ ଲୋକମାନଙ୍କ ସହ ମୁଖ୍ୟମନ୍ତ୍ରୀ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।


# CLASSIFIED DISPLAY













DSPL-237



# ଆସୁନାହାନ୍ତି ପ୍ରଧାନ ଶିକ୍ଷକ, ସ୍କୁଲରେ ତାଲା

ଚନ୍ଦ୍ରପୁର,୫।୧୧(ଡି.ଏନ୍.ଏ.)



ବିଦ୍ୟାଳୟ ପରିସରରେ ଅପେକ୍ଷାରତ ଛାତ୍ରୀଛାତ୍ର ଓ ଗ୍ରାମବାସୀ।

ପ୍ରଧାନ ଶିକ୍ଷକ ନିୟମିତ ଆସୁ ନ ଥିବାରୁ ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତ ଅଧୀନ ଦୋଡଗଣ୍ଡା ପ୍ରାଥମିକ ବିଦ୍ୟାଳୟରେ ସୋମବାର ତାଲା ଝୁଲୁଛି। ଛାତ୍ରୀଛାତ୍ରମାନେ ସକାଳ ୧୦ଟାରୁ ବିଦ୍ୟାଳୟକୁ ଆସି ୧୧ଟା ୩୦ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ହେଲେ ତାଲା ନ ଖୋଲିବାରୁ ଶେଷରେ ନିଜ ଘରକୁ ଫେରିଯାଇଥିଲେ ବୋଲି ଅଭିଭାବକ ନିରଞ୍ଜନ କୁରୁଙ୍ଗୀ, ଗରାମା ଲିଙ୍ଗାମ, ଅର୍ଜୁନ ରାପକାକା ପ୍ରମୁଖ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମିନତୀ ପାତ୍ର ନିୟମିତ ବିଦ୍ୟାଳୟକୁ ଆସନ୍ତି । ପ୍ରଧାନଶିକ୍ଷକ ସପ୍ତାହକୁ ଦିନେ କିମ୍ବା ଦୁଇଦିନ ଆସନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଅର୍ଜୁନ ଦୋରା କହିଛନ୍ତି । ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁ ବିଦ୍ୟାଳୟ ଅଧିକାଂଶ ସମୟ ବନ୍ଦ ରହୁଛି ବୋଲି ରଞ୍ଜନ କୁକୁଙ୍ଗୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍. ସୁରିଆ ରାଓଙ୍କୁ ପଚାରିବାରୁ, ମୋର ସ୍ୱାସ୍ଥ୍ୟ ଖରାପ ଯୋଗୁ ମୁଁ ଯାଇପାରି ନାହିଁ ବୋଲି କହିଛନ୍ତି । ଚନ୍ଦ୍ରପୁର ବ୍ଲକ ଶିକ୍ଷାଧିକାରୀ ଜୀବନ କିଶୋର ବାରୁଆଙ୍କୁ ପଚାରିବାରୁ, ମୋ ନିକଟକୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ । କଣ ହୋଇଛି ମୁଁ ବୁଝୁଛି ବୋଲି କହିଛନ୍ତି।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ପକ୍କା ଗୃହ ପ୍ରଦାନ ଦାବି

ରାୟଗଡା ଅଫିସ୍, ୫।୧୧

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ୍ ବୁଢ଼ାଗୁଡା ପଞ୍ଚାୟତ କୁମ୍ଭାରଗୁଡା ଗ୍ରାମର ଗ୍ରାମବାସୀ ସୋମବାର ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ୧୬।୭।୨୦୧୮ରେ ନାଗାବଳୀ ନଦୀରେ ବନ୍ୟା ଆସି ଆମମାନଙ୍କର ଘର ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା । ଫଳରେ ସରକାରଙ୍କ ତରଫରୁ ଆମମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବା ସହିତ ରିଲିଫ୍ ସାମଗ୍ରୀ କିଛି ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା । ଉକ୍ତ ଟଙ୍କାକୁ ଆମେ ଖାଦ୍ୟ ପଦାର୍ଥ ତଥା ଆବଶ୍ୟକ ଉପକରଣ କିଣିଥିଲୁ । ପଲିଥିନ ପକାଇ ଅସ୍ଥାୟୀ ଗୃହ ନିର୍ମାଣ କରି ରହି ଆସୁଥିଲୁ । କିନ୍ତୁ ବର୍ତ୍ତମାନ ଉକ୍ତ ପଲିଥିନଗୁଡିକ ନଷ୍ଟ ହୋଇଗଲାଣି। ଏବେ ପ୍ରବଳ ଶୀତ ଲାଗି ରହିଥିବାରୁ ପିଲାଛୁଆଙ୍କୁ ଧରି ଉକ୍ତ ଘରେ ରହିବା ସମ୍ଭବ ହେଉନାହିଁ। ଦୀର୍ଘ ୫ମାସ ଧରି ଅନେକ ଦୁଃଖ କଷ୍ଟରେ ରହିବା ପରେ ଏବେ ସମ୍ପୂର୍ଣ୍ଣ ଧର୍ଯ୍ୟହରା ଓ ହତାଶ ହୋଇପଡିଛୁ । ଖୋଲା ଜାଗାରେ ନଷ୍ଟ ପଲିଥିନ ତଳେ ବିପଦସଙ୍କୁଳ ଅବସ୍ଥାରେ ଦିନ କାଟୁଛୁ । ତେଣୁ ମୁଣ୍ଡ ଗୁଞ୍ଜିବା ପାଇଁ ଗୋଟିଏ ଲେଖାଏଁ ସ୍ଥାୟୀ ପକ୍କାଘର ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ନିବେଦନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କୁମ୍ଭାରଗୁଡା ଗ୍ରାମର ଗଙ୍ଗାରାଓ ହିକ୍କା, ରଇଦାସ ହିକ୍କା, ରାମାରାଓ ନେମାଲପୁରୀ, ମୁନି ହିକ୍କା, ସିଲିକା ହିକ୍କା, କାସାଇ ହିକ୍କା, ନାରନା ହିକ୍କା, ସିଲା ହିକ୍କା, ଦାଇ ହିକ୍କା, ରାଇନା ହିକ୍କା, ସିଙ୍ଗାରାଇ ହିକ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଓଙ୍କୁ ଦାବିପତ୍ର ଦେଲେ ସ୍ୱାବଲମ୍ବୀ କାରିଗର

ରାମନାଗୁଡା, ୫।୧୧(ଡ଼ି.ଏନ.ଏ)

ସୋମବାର ରାୟଗଡା ଜିଲା ରାମନାଗୁଡା ବ୍ଲକର ପାନୀୟ ଜଳ ଯୋଗାଣ ଏବଂ ପରିମଳ ତଥା ଗ୍ରାମପଞ୍ଚାୟତ ଅଧୀନରେ କାମ କରୁଥିବା ସ୍ୱାବଲମ୍ବୀ କାରିଗରଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ବିଡ଼ିଓ ସୁଧାକର ରଇତଙ୍କୁ ପ୍ରଦାନ କରାଯାଇଛି । ଗତ ଦିନଗୁଡ଼ିକରେ ବ୍ଲକର ସମସ୍ତ ନଳକୂପରେ ବ୍ଲିଚିଂ ପାଉଡର ପକାଇ ଶୋଧନ କରିଛନ୍ତି । ହେଲେ ସେହି ବାବଦର ପାଉଣା ସେମାନଙ୍କୁ ମିଳୁନାହିଁ । ବାରମ୍ବାର ଜଣାଇବା ପରେ ବ୍ଲକ ତରଫରୁ ଗ୍ରାମପଞ୍ଚାୟତଗୁଡିକୁ ପାଉଣା ଦେବା ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ପଞ୍ଚାୟତଗୁଡିକ ପ୍ରାପ୍ୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ସେହିପରି ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତର ଚାକୁଣ୍ଡା ପାନୀୟଜଳ ଯୋଗାଣ ପ୍ରକଳ୍ପରେ ମନ୍ମଥ ମୁଟିକା ଦୀର୍ଘ ୭ବର୍ଷ ଧରି କାମ କରୁଛନ୍ତି। ମାତ୍ର ସେ କୌଣସି ପ୍ରାପ୍ୟ ପାଇନାହାନ୍ତି । ପେଣକାମ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ସନ୍ନ୍ୟାସୀ ଶବର ୧ବର୍ଷ ୧୦ମାସ ହେଲା କାମ କରିଥିଲେ ମଧ୍ୟ ପ୍ରାପ୍ୟ ପାଇନାହାନ୍ତି । ଏନେଇ ବିଡିଓ ରଇତଙ୍କୁ ପଚାରିବାରୁ, ସେ ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସମସ୍ତ ସରପଞ୍ଚ ତଥା ନିର୍ବାହୀ ଅଧିକାରୀମାନଙ୍କୁ ଡକାଇ ଆଲୋଚନା କରି ପର୍ଯ୍ୟାୟକ୍ରମେ ସମାଧାନ କରିବେ। ଯଥାଶୀଘ୍ର ସମସ୍ତ କାରିଗରଙ୍କୁ ପ୍ରାପ୍ୟ ଦେବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍ୱାବଲମ୍ବୀ କାରିଗର ସଭାପତି ବଂଶୀଧର କଣ୍ଡାଗିରି, ସମ୍ପାଦକ ଶଙ୍କର ନିମାଲା ଏବଂ କାର୍ଯ୍ୟକାରୀ ସଦସ୍ୟ ଦେବାନନ୍ଦ ଡୁରୁବୁଡ଼ି, ତ୍ରିନାଥ କଲକା, ଶ୍ରୀନିବାସ ମାଣ୍ଡାଙ୍ଗିଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ନାବାଳିକାଙ୍କୁ ପ୍ରତାରଣା: ଯୁବକ ଗିରଫ

ପାରଳାଖେମୁଣ୍ଡି, ୫।୧୧(ସ୍ୱ.ପ୍ର.)

ଜନୈକା ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗରେ ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପୋଲିସ ରାଣୀପେଣ୍ଠ ବାସିନ୍ଦା ହରିଶ ସୁନା ଶବର(୨୨)ଙ୍କୁ ଗିରଫ କରିଛି। ତାଙ୍କ ନାମରେ କେସ୍ ନଂ. ୨୦/୧୮ରୁଜୁ କରାଯିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ତଥା ତଦନ୍ତକାରୀ ଅଧିକାରୀ ଏନ୍.ସି. ପତି କହିଛନ୍ତି। ଅଭିଯୋଗ ଅନୁଯାୟୀ, ହରିଶ ଜଣେ ନାବାଳିକାଙ୍କ ସହ ଗତ ୪ବର୍ଷ ହେଲା ପ୍ରେମ ସମ୍ପର୍କ ରଖି ତାଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉଭୟ ପରିବାର ପକ୍ଷରୁ ବୁଝାମଣା ହୋଇସାରିଥିଲା। ମାତ୍ର ଏବେ ତାଙ୍କୁ ଚିହ୍ନି ନ ଥିବା କହି ବିବାହ କରିବାକୁ ହରିଶ ଧରାଛୁଆଁ ଦେଉନାହାନ୍ତି। ଏନେଇ ମାମଲା ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଶିକ୍ଷକ,ଅଭିଭାବକ ବୈଠକ

ପଦ୍ମପୁର,୫।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ ଜୁମୁରୁଗୁଡା ପ୍ରାଥମିକ ବିଦ୍ୟାଳୟରେ ଉଭୟ ଶିକ୍ଷକ ଓ ଅଭିଭାବକମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପତ୍ର ନଂ ୧୨୭୭ ନିର୍ଦ୍ଦେଶକ୍ରମେ ନିକଟସ୍ଥ ଆଇଓବି କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଜୁମୁରୁଗୁଡା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଛି। ମିଶ୍ରଣ ସମୟରେ ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟନାରାୟଣ ନାୟକ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ଉଭୟ ବିଦ୍ୟାଳୟର ୨୦୩ ଜଣ ଛାତ୍ରୀଛାତ୍ର ସ୍ଥାନୀୟ ସିଆରସିସି ମହନ୍ ମିଶାଲ, ପଦ୍ମପୁର ସରପଞ୍ଚ ପୂନ୍ୟାବତୀ ମାଣ୍ଡାଙ୍ଗି ଉପସ୍ଥିତ ହୋଇ ନୂତନ କମିଟି ଗଠନ ପାଇଁ ୧୨ ଜଣ ସଭ୍ୟଙ୍କୁ ମନୋନୀତ କରିଥିଲେ । କମିଟି ସଭାପତି ଭାବେ ହରପ୍ରିୟା ପଣ୍ଡା ଓ ଉପସଭାପତି ଭାବେ ରଘୁନାଥ ସାହୁଙ୍କୁ ମନୋନୀତ କରାଯାଇଥିଲା । ଏହି ପ୍ରଥମ ବୈଠକରେ ବିଦ୍ୟାଳୟର ଉପସାହି ଜୁମୁରୁଗୁଡାକୁ ଉନ୍ନିତ ବିଦ୍ୟାଳୟରେ ପରିଣତ କରି ୨୦୧୯-୨୦ ଶିକ୍ଷାବର୍ଷରେ ୬ଷ୍ଠ ଶ୍ରେଣୀଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲିବାକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।


ST. XAVIER'S SENIOR SECONDARY SCHOOL
BHAKURUGUDA & NEW COLONY, RAYAGADA
(a branch of St. Xavier's chain of Schools)
A CBSE Affiliated School, Affiliation No. 1530204
(From Montessori I, II, III, Std. I- X, +2Science, +2 Commerce)
Grand opening of
CHILD DEVELOPMENT CENTRE
On 14.11.2018
No fees, no books, no uniform
For Kids of 2 & ½ years
Limited seats .....

Our Facilities:
- Separate hostel for boys and Girls
- Outdoor and indoor games
- Coaching for NEET, JEE(Main) and IIT for +2 Science students
- Reasonable fees structure

*A Greenish eco Friendly environment
*Hygienic food and canteen facility
For details Contact:
9040807625, 8637251951, 9407740125, 8895142668
Email at rayagadasxhs@yahoo.in



ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା।
ଗଛ ବଞ୍ଚିଲେ ଆମେ ବଞ୍ଚିବା
ଜଙ୍ଗଲ ଓ ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ।

ଧନୁର୍ଜ୍ୟୟ ମହାପାତ୍ର
ବନାଞ୍ଚଳ ଅଧିକାରୀ (ଡାବୁଗାଁ)



ପଞ୍ଚାୟତ ସମିତି, ଡାବୁଗାଁ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଗଣିତ ପାଠିକା ପାଠକଙ୍କୁ ଶୁଭେଚ୍ଛା ସହ

ଗୌରହରି ପାତ୍ର — ବିଡିଓ
ଉମେଶ ଚନ୍ଦ୍ର ମାଝୀ — ସହକାରୀ ଯନ୍ତ୍ରୀ
ପ୍ରୀତିମୟୀ ପାଣିଗ୍ରାହୀ – କନିଷ୍ଠ ଯନ୍ତ୍ରୀ
ପ୍ରତାପ ଚନ୍ଦ୍ର ଦାଶ – କନିଷ୍ଠ ଯନ୍ତ୍ରୀ
ସୁରେଶ ଚନ୍ଦ୍ର ସେଠୀ – କନିଷ୍ଠ ଯନ୍ତ୍ରୀ



With Best Complements From
GIET
MAIN CAMPUS, AUTONOMOUS,
GUNUPUR
THE MOST POPULAR AICTE APPROVED ENGINEERING COLLEGE OF EASTERN INDIA

WE HAVE OFFERED
CAMPUS PLACEMENT TO 95+%
OF ELIGIBLE AND WILLING 2018 PASSOUT STUDENTS
GIET, AUTONOMOUS, GUNUPUR
Pin: 765 022, Ph.: +91 8118053001, 8118053003



WITH BEST COMPLIMENTS FROM:-


Er. SUBRAT MOHAPATRA
'A' Class Contractor
Mob No.: 9438164111

RAJAT MOHAPATRA
Special Class Contractor
Mob No: 9668026283

MAIN ROAD, NABARANGPUR



Best Wishes for 8th Year Completion of Rayagada Edition of "Dharitri Odiya Daily"
SRI ANNAPURNA HOMES & REAL ESTATE PVT. LTD.
Upstair of Syamala Jewellers, Main Road, Jeypore - 764001
Annapurna Complex, Main Road, Parabeda, Jeypore - 764001
Dist.- Koraput, Odisha
Ph.: 06854-251021, Cell: 9437033584



ପ୍ରଗତି ପଥେ କୋରାପୁଟ ମାଲକାନଗିରି ନବରଙ୍ଗପୁର ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ, ରେଡିଓ ଷ୍ଟେସନ ରୋଡ୍, ଜୟନଗର, ଜୟପୁର
ଦୁଗ୍ଧ ସଂଘ ଦ୍ୱାରା ଚାଷୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ
୧. ସମିତିରେ ବର୍ଷସାରା ୩୬୫ ଦିନ ଦୁଇବେଳା ଦୁଗ୍ଧ ବିକ୍ରି କରିବାର ସୁଯୋଗ ସହ ପ୍ରତ୍ୟେକ ଦଶ (୧୦) ଦିନ ବ୍ୟବଧାନରେ ଦୁଗ୍ଧର ଉଚିତ୍ ମୂଲ୍ୟ ମିଳିଥାଏ।
୨. ଦୁଗ୍ଧ ଉତ୍ପାଦନ ପାଇଁ ଆବଶ୍ୟକୀୟ ପରିମାଣରେ ସୁଷମ ଗୋ-ଖାଦ୍ୟ ରିହାତି ମୂଲ୍ୟରେ ସମିତିରୁ ମିଳେ।
୩. ଗାଈର ସୁସ୍ଥ ଜୀବନ ଧାରଣ ସହ ଗୁଣାତ୍ମକ ମାନର ଦୁଗ୍ଧ ପାଇବା ପାଇଁ ଆବଶ୍ୟକୀୟ ଖଣିଜ ଲବଣ ରିହାତି ମୂଲ୍ୟରେ ସମିତିରୁ ମିଳେ।
୪. ମାଈ ବାଛୁରୀ ପରିପାଳନ ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ମାଧ୍ୟମରେ ଉନ୍ନୀତ ସଙ୍କର ମାଈ ବାଛୁରୀମାନଙ୍କୁ ଶତକଡା ୫୦% ରିହାତି ଦରରେ ବାଛୁରୀ ଦାନା ସମିତି ମାଧ୍ୟମରେ ଉପଲବ୍ଧ କରାଯାଉଅଛି।
୫. ପ୍ରତିବର୍ଷ ୨ଥର ଦୁହାଁଳିଆ ଗାଈ ଓ ବାଛୁରୀଙ୍କ ପାଇଁ କୃମିନାଶକ ଔଷଧ ମାଗଣାରେ ସମିତିରୁ ମିଳେ।
୬. ଫାଟୁଆ, ସାହାଣ, ବଜବଜିଆ ଭଳି ସଂକ୍ରାମକ ରୋଗରୁ ଗାଈକୁ ରକ୍ଷା କରିବା ପାଇଁ ପ୍ରତିଷେଧକ ଟିକା (ଟ୍ରାୟୋଭାକ୍) ସମିତି ମାଧ୍ୟମରେ ଉପଲବ୍ଧ କରାଯାଉଅଛି।
୭. ଉନ୍ନତ ଧରଣର ସଙ୍କର ଜାତୀୟ ବାଛୁରୀ ପାଇଁ କୃତ୍ରିମ ପ୍ରଜନନର ସୁବିଧା ସମିତିର ତାମିଲପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥାଏ।
୮. ସମିତିରେ ଗୋ-ଚିକିତ୍ସା ଶିବିର କରାଯାଇ ଗାଈ/ବାଛୁରୀଙ୍କ ମାଗଣା ଚିକିତ୍ସା ଏବଂ ଔଷଧ ଯୋଗାଇ ଦିଆଯାଏ।
୯. ଚାଷୀଭାଇମାନଙ୍କୁ ଅନୁରୋଧ, ନିଜ ଗ୍ରାମରେ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଠନ କରି ଉପରୋକ୍ତ ସୁବିଧା ସୁଯୋଗ ଉପଲବ୍ଧ କରିବା ସଙ୍ଗେ ସଙ୍ଗେ ନିଜର ଆର୍ଥିକ ଉନ୍ନତି କରନ୍ତୁ।
ଯୋଗାଯୋଗ : ୦୬୮୫୪-୨୩୧୮୩୯।
ସାଧାରଣ ପରିଚାଳକ, ଆଞ୍ଚଳିକ ଦୁଗ୍ଧ ସଂଘ, ଜୟପୁର



imfa
Touching lives beyond business...



IMFA is India's leading, fully integrated producer of ferro alloys, straddling the value chain from mining to smelting. With 187 MVA installed furnace capacity backed up by 261 MW captive power generation and chrome ore mining tracts, the Company has an Integrated Management System comprising quality, environment and occupational health & safety certification. Recognised globally as a reliable cost-competitive producer, IMFA has developed long standing relationships with leading companies of South Korea, Taiwan, Japan and China besides stainless steel producers within the country.
INDIAN METALS & FERRO ALLOYS LIMITED
www.imfa.in

